ପ୍ରମେୟ
THE PRAMEYA

### ଜେଇଇ ଆଡଭାନ୍ସଡ୍ ପଞ୍ଜୀକରଣ ଘୁଞ୍ଚିବା ପ୍ରସଙ୍ଗ

# ଭୁବନେଶ୍ୱର ଆଇଆଇଟିରେ ଖୋଲିଲା ସ୍ୱତନ୍ତ୍ର ହେଲ୍ପ ଡେସ୍କ

ଭୁବନେଶ୍ୱର,୯।୫(ବ୍ୟୁରୋ): ରାଜ୍ୟରେ ଜେଇଇ ଆଡଭାନ୍ସଡ୍ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ସମୟକୁ ମେ ୯ ପରିବର୍ତ୍ତେ ୧୪ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏହି ଅବସରରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଆଇଆଇଟି ଭୁବନେଶ୍ୱରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କ ଖୋଲାଯାଇଛି। ପଞ୍ଜୀକରଣକୁ ନେଇ ଛାତ୍ରଛାତ୍ରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଏହି ହେଲ୍ପ ଡେସ୍କର ସାହାଯ୍ୟ ନେଇପାରିବେ। ଏଥିପାଇଁ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏକ ବସ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏନେଇ ଏସ୍‌ଆର୍‌ସି ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି।